## ସଂକ୍ଷେପରେ

### ଶୀତଳଭଣ୍ଡାର ନିର୍ମାଣ, ପୋଖରୀ ପୁନରୁଦ୍ଧାର ଦାବି

**ଭୁବନ, ୮।୧(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣନୀତି ପ୍ରତିବାଦରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଧର୍ମଘଟ। ଏହାର ପ୍ରଭାବ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାରେ। କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ଟ୍ରେଡ୍ ୟୁନିୟନ ଧର୍ମଘଟରେ ସାମିଲ ହୋଇଥିଲା ଭୁବନର ଆଞ୍ଚଳିକ କମିଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, କୃଷକ କ୍ଷେତ୍ର ମୂଲିଆ ସଂଘ, ପ୍ରଗତିଶୀଳ ନିର୍ମାଣ ଶ୍ରମିକ ସଂଘ। କର୍ମକର୍ତ୍ତାମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭୁବନ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ନାଳ, ପୋଖରୀ ପୁନରୁଦ୍ଧାର, ଧାନର ସର୍ବନିମ୍ନ ମୂଲ୍ୟ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦କୁ ବୃଦ୍ଧି, ନିର୍ମାଣ ଶ୍ରମିକଙ୍କ ଝିଅ ବିବାହ ଲାଗି ୧ ଲକ୍ଷ ଟଙ୍କା ଏବଂ ଗୃହ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାର ଦାବିକୁ ଗୁରୁତ୍ୱ ନ ଦେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

### 'କାଳିଆ' ଫର୍ମ ମିଳୁନି

**ସାତମାଇଲ, ୮।୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡର ଅଧିକାଂଶ ପଞ୍ଚାୟତ କାର୍ଯ୍ୟାଳୟରେ ଆଶାୟୀଙ୍କୁ କାଳିଆ ଯୋଜନାରେ ଆବେଦନ ଫର୍ମ ମିଳୁନାହିଁ। ଚାଷୀଙ୍କ ତୁଳନାରେ କମ୍‌ସଂଖ୍ୟକ ଫର୍ମ ଆସିଥିବାରୁ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ପଞ୍ଚାୟତ କର୍ତ୍ତୃପକ୍ଷ ନାକେଦମ ହେଉଥିବାବେଳେ ଫର୍ମ ନ ପାଇ ଖାଲି ହାତରେ ଫେରୁଛନ୍ତି ଚାଷୀ। ସେହିପରି ଅଧିକାଂଶ ଚାଷୀଙ୍କ ନାମ ପ୍ରାରମ୍ଭରୁ ତାଲିକାଭୁକ୍ତ ହୋଇନାହିଁ। ତାଲିକାରେ ଧନିକ ଏବଂ ସ୍ୱଚ୍ଛଳ ଗୋଷ୍ଠୀ ସ୍ଥାନ ପାଇଥିବା ଅଭିଯୋଗ ହେଉଛି। ବିଶେଷ କରି ନୂଆବଗ, ଚିଉଲପୁର, ଗୁଳେହି, ହାତୁରା ଆଦି ପଞ୍ଚାୟତରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ଦିଗରେ ଦୃଷ୍ଟି ଦେବାକୁ ଆଶାୟୀମାନେ ଦାବି କରିଛନ୍ତି।

### ହାତୀ ଆକ୍ରମଣରେ ମହିଳା ଗୁରୁତର



**ପରଜଙ୍ଗ, ୮।୧(ଡି.ଏନ.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମର ସାଇବାଣୀ ପ୍ରଧାନ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସାଇବାଣୀ ବିଲରୁ ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଟେକିନେଇ ଫିଙ୍ଗି ଦେଇଥିଲା। ନିକଟରେ ଥିବା କେତେଜଣ ଲୋକ ପାଟି କରିବାରୁ ହାତୀ ତାଙ୍କୁ ଛାଡ଼ି ପଳାଇଥିଲା। ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାଯିବା ସୁଦ୍ଧା ବନ ବିଭାଗ କର୍ମଚାରୀ ଗୁରୁତରଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ୁଛି।

### ମଜଦୁର ଶାଖା ପକ୍ଷରୁ ହରତାଳ

**ସାତମାଇଲ, ୮।୧(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ କରି ହିନ୍ଦୋଳ ବ୍ଲକ ଓଡ଼ିଶା ନିର୍ମାଣ ମଜ୍‌ଦୁର ଶାଖା ପକ୍ଷରୁ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରାଯାଇଛି। ଶାଖା ସଭାପତି ତ୍ରିଲୋଚନ ସେନାପତି, ସମ୍ପାଦକ ଗଣେଶ୍ୱର ମହାଲିକ, ପ୍ରାଧିକୃତ ଅଧିକାରୀ ଜୟକୃଷ୍ଣ ସେଠୀ, କୋଷାଧ୍ୟକ୍ଷ ପ୍ରମୋଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋର ୬ଟାରୁ କର୍ମକର୍ତ୍ତାମାନେ ପୁରୁଣା କଟକ-ସମ୍ବଲପୁର ରାସ୍ତା ଅବରୋଧ କରିଥିଲେ। ଧର୍ମଘଟ ସମ୍ପର୍କରେ କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ହୃଦାନନ୍ଦ ସାହୁ, ନଟବର ଖୁଣ୍ଟିଆ, ସଚ୍ଚି ପାଣିଗ୍ରାହୀ, ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ପିକେଟିଂ କରି ଏହାକୁ ସଫଳ କରାଇବାକୁ ଆହ୍ୱାନ ଦେଇଥିଲେ। ଧର୍ମଘଟର ଆଂଶିକ ପ୍ରଭାବ ଅଞ୍ଚଳରେ ପଡ଼ିଥିଲା।

■ ଜଙ୍ଗଲ ସାଜିଛି ଚୋରା ମଦ ଆଡ୍ଡା

# ମାସକୁ ଲକ୍ଷେ ଟଙ୍କା ବଟି କାରବାର

(ନିଗମାନନ୍ଦ ଦଳବେହେରା)
**ପରଜଙ୍ଗ, ୮।୧**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଧୀନ ଆମ୍ବପଳାସ ଜଙ୍ଗଲ ପାଲଟିଛି ଅବାଧ ଚୋରା ମଦ କାରବାରର ପେଣ୍ଠସ୍ଥଳୀ। ସବୁଜିମାମୟ ପରିବେଶ ଉଜାଡ଼ି ଦୈନିକ ରନ୍ଧାଯାଉଛି ହଜାର ହଜାର ଲିଟର ମଦ। ଦୁଇଚକିଆ, ଚାରିଚକିଆ ଗାଡ଼ିରେ ସେସବୁ ଚାଲାଣ ହେଉଛି ଜିଲା ବାହାରକୁ। ପୋଲିସ ଏବଂ ଅବକାରୀ ବିଭାଗର ମୁହଁ ବନ୍ଦ କରିବାକୁ ମାସିକ ଲକ୍ଷେ ଟଙ୍କା ବଟି କାରବାର କରାଯାଉଥିବା ଅଭିଯୋଗ ହେଉଛି। ଚୋରାମଦ ପ୍ରଭାବରେ ଅଞ୍ଚଳର ବାତାବରଣ ଧୀରେ ଧୀରେ ଅଶାନ୍ତ ହୋଇ ଉଠୁଥିବାବେଳେ ଏହାକୁ ରୋକିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ପରଜଙ୍ଗ ଥାନାଠାରୁ ମାତ୍ର ୧୦ କିମି ଦୂର ଆମ୍ବପଳାସ ସମେତ ଏବଂ ଗ୍ରାମ ନିକଟ ଜଙ୍ଗଲରେ ମଦ ରାନ୍ଧିବାକୁ ଗଢ଼ିଉଠିଛି ୧୦୦ରୁ ଊର୍ଦ୍ଧ୍ୱ ଭାଟି। ସମ୍ପୃକ୍ତ ଭାଟିଗୁଡ଼ିକରୁ ଦୈନିକ ୫୦୦୦ ଲିଟରରୁ ଅଧିକ ମଦ ବାହାରୁଛି। ବ୍ୟବସାୟୀମାନେ ମଦ ଲିଟର ପିଛା ୫୨ ଟଙ୍କାରେ ବିକ୍ରି କରୁଛନ୍ତି। ବାହାରକୁ ଚାଲାଣ ପରେ ଏହା ୧୦୦ ଟଙ୍କା ଟପି ଯାଉଛି। ମଦ ରାନ୍ଧିବାକୁ ପ୍ରତି ସପ୍ତାହରେ ୧୨ ଚକିଆ ଟ୍ରକ୍‌ରେ ୫ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ଖାଇବା ଗୁଡ଼ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମଦ ଚାଲାଣ କରିବାକୁ ବ୍ୟବସାୟୀମାନେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଭୋର୍ ୪ଟାରୁ ମଦ ରନ୍ଧା ଆରମ୍ଭ ହେଉଥିବାବେଳେ ସକାଳ ହେଉ ହେଉ ସେସବୁକୁ କାର୍, ବୋଲେରୋ, ମାର୍ଶାଲରେ ଅନୁଗୋଳ, ତାଳଚେର, କାମାକ୍ଷାନଗର ଅଞ୍ଚଳକୁ ଚାଲାଣ କରାଯାଉଛି। ୩୦ରୁ ଊର୍ଦ୍ଧ୍ୱ ବାଇକ୍ ଏଥିରେ ନିୟୋଜିତ ହେଉଛି। ଆମ୍ବପଳାସରୁ ବାହାରୁଥିବା ଉକ୍ତ ବାଇକ୍ କନ୍ତରୁ ଗାଁ ଦେଇ ରେଙ୍ଗାଳି ବାମ କେନାଲ ରାସ୍ତାରେ ଯାଇ ବଡ଼ଝରା ପୋଲ ନିକଟରେ ବାହାରିଥାନ୍ତି। ଉକ୍ତ ମଦ କାମାକ୍ଷାନଗର ଅଞ୍ଚଳକୁ ଚାଲାଣ ହୋଇଥାଏ। ସେହିପରି ଜାତୀୟ ରାଜପଥ ଦେଇ ରାତି ଅଧିଆ ମଦ ଚାଲାଣ ହେଉଛି।

ଏ ନେଇ ପରଜଙ୍ଗ ଅବକାରୀ ଏଏସ୍‌ଆଇ ବଟକୃଷ୍ଣ ରାଉଳଙ୍କୁ ପଚାରିବାରେ ସେ ନିଜ ମୁଣ୍ଡରୁ ଦୋଷ ଖସାଇ ବଡ଼ ଅଧିକାରୀଙ୍କ ଆଡ଼କୁ ଦୋଷ ଠେଲିଛନ୍ତି। ବ୍ୟାପକ ପରିମାଣର ହେଉଥିବା ମଦ କାରବାରକୁ ସେ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି, ମଦ ବେପାରୀମାନେ ବଡ଼ବଡ଼ିଆଙ୍କୁ ହାତ କରି ଏପରି କାରବାର ଚଳାଇଛନ୍ତି। ବିଭିନ୍ନ ସମୟରେ ଚାପ ମଧ୍ୟ ପକାଯାଉଛି। କିଛି ଦିନ ତଳେ ଚୋରା ମଦ ବ୍ୟବସାୟକୁ କେନ୍ଦ୍ର କରି ଗୁଳିମାଡ଼ ମଧ୍ୟ ହୋଇଥିବା ସେ ସୂଚନା ଦେଇଛନ୍ତି।


ଗ୍ରାମଠାରୁ ଅନତି ଦୂରରେ ଥିବା ଭାଟି।

- ■ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ରନ୍ଧାଯାଉଛି
- ■ ପ୍ରତିଦିନ ବାହାରୁଛି ୫୦୦୦ ଲିଟର
- ■ ବାହାର ଜିଲାକୁ ହେଉଛି ଚାଲାଣ
- ■ ଶ୍ରୀହୀନ ହେଲାଣି ଜଙ୍ଗଲ ସବୁଜିମା

## ଟଙ୍କା ଦେଲେ ସବୁ ମାଫ୍

ମଦ ବ୍ୟବସାୟ କରିବାକୁ ହେଲେ ଉପରୁ ତଳ ଯାଏ ସବୁ ଲୋକଙ୍କ କଥା ବୁଝିବାକୁ ପଡ଼ିବ। ବଟି ଦେଲେ ସବୁ ମାଫ୍। ଖିଲାପ ହେଲେ ଧରାପଡ଼ିବା ଥୟ ବୋଲି କହିଛନ୍ତି ଆମ୍ବପଳାସ ଗ୍ରାମର ଜଣେ ମଦ ବ୍ୟବସାୟୀ। ନାମ ଗୋପନ ରଖିବା ସର୍ତ୍ତରେ ସେ କୁହନ୍ତି, ଗ୍ରାମର ଜଣେ ଯୁବକଙ୍କ ଜରିଆରେ ପୋଲିସ ଏବଂ ଅବକାରୀ କର୍ମଚାରୀଙ୍କୁ ପ୍ରତିମାସରେ ୧ଲକ୍ଷ ଟଙ୍କା ବଟି ଦିଆଯାଉଛି। ମଝିରେ ମଝିରେ ଜିଲାସ୍ତରୀୟ ଅଧିକାରୀ ଚଢ଼ାଉ କରିବାକୁ ଆସନ୍ତି। ସମ୍ପୃକ୍ତ ଯୁବକ ପୂର୍ବରୁ ଏହାର ସୂଚନା ଦେଇଦିଅନ୍ତି। ତେଣୁ କାହାରି କିଛି କ୍ଷତି ହୋଇ ନ ଥାଏ। ସେ ନିଜେ ଏକ ଗାଡ଼ିରେ ମଦ ଚାଲାଣ କରୁଛନ୍ତି। ଥରକେ ୧୫ ହଜାର ଟଙ୍କା ଯାଏ ଲାଭ ହୋଇଥାଏ। ପୋଲିସ, ଅବକାରୀ ବିଭାଗ ନ ଜାଣିଲେ କ'ଣ ଏପରି କାରବାର କରିହେବ ବୋଲି ସେ ରୋକ୍‌ଠୋକ୍ କହିଛନ୍ତି, ଯାହା ବିଭାଗ ସହ ଅସାଧୁ ମେଣ୍ଟକୁ ପଦାରେ ପକାଇଛି।

ଗତଦିନରେ ପରଜଙ୍ଗ ଅଞ୍ଚଳରୁ ବଅଁରପାଳ, ଡିହଡୋଳ, ଆମ୍ବପଳାସ, ତାଳଚେର, କାମାକ୍ଷାନଗର, ପଣ୍ଡୁଆ ଅଞ୍ଚଳକୁ ମଦ ଚାଲାଣ ବେଳେ ବହୁ ଗାଡ଼ି ଜବତ କରାଯାଇଛି। ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ ଏହାର ତଦନ୍ତ ଠିକ୍ ଭାବେ ହେଉନାହିଁ। ତେଣୁ ମଦ ବ୍ୟବସାୟର ମୂଳ ଚେର କେଉଁଠି ରହିଛି ତାହା ଧରାପଡୁନାହିଁ। ବ୍ୟାପକ ଅର୍ଥ କାରବାର ଯୋଗୁ ତଦନ୍ତକୁ ଜାଣିଶୁଣି ଦିଗହରା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ମଦ ରନ୍ଧାସ୍ଥାନରେ ମହଜୁଦ ସାମଗ୍ରୀ।

'ପିଠା' ସଫଳତା

## ପୁରସ୍କୃତ ହେବେ ୮ ଶ୍ରେଷ୍ଠ ପଞ୍ଚାୟତ

**ଢେଙ୍କାନାଳ ଅଫିସ, ୮।୧**

ରାଜ୍ୟ ସରକାରଙ୍କ 'ପିଠା' କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲାର ୮ ପଞ୍ଚାୟତ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସମ୍ପୃକ୍ତ ପଞ୍ଚାୟତଗୁଡ଼ିକୁ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯିବ। ମିଳିଥିବା ଅର୍ଥ ମିଶନ ଶକ୍ତି ଗୃହ, ପାଠାଗାର, ଜଳାଶୟ ନିକଟରେ ପୋଷାକ ପରିବର୍ତ୍ତନ ଗୃହ, କୋଠଘର, କମ୍ୟୁନିଟି ସେଣ୍ଟର ନିର୍ମାଣରେ ଖର୍ଚ୍ଚ କରାଯିବ ବୋଲି ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ସୂଚନା ଦେଇଛନ୍ତି। ଶ୍ରେଷ୍ଠ ମାନ୍ୟତା ପାଇଥିବା ପଞ୍ଚାୟତଗୁଡ଼ିକ ମଧ୍ୟରେ ସଦର ବ୍ଲକର କାକୁଡ଼ିଭାଗ, ଭୁବନର ଗଡ଼ନୃସିଂହପ୍ରସାଦ, ଗଁଦିଆର କରମୂଳ, ହିନ୍ଦୋଳର କୁକୁଟା, କାମାକ୍ଷାନଗରର କୋଟଗରା, କଙ୍କଡ଼ାହାଡ଼ର କେରଜୋଳି, ଓଡ଼ାପଡ଼ାର ବଳରାମପ୍ରସାଦ ଏବଂ ପରଜଙ୍ଗ ବ୍ଲକର ପରଜଙ୍ଗ ରହିଛି।

## କୁଲାଡ଼କୁ ହରାଇଲା କେନ୍ଦୁଝର

**ଅନୁଗୋଳ ଅଫିସ, ୮।୧**

ଅନୁଗୋଳ ହାଟଛକ ଠାରେ ଚାଲିଥିବା ୨୭ତମ ବିଶ୍ୱାଳସାହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁହାଁମୁହିଁ ହୋଇଥିଲେ ବିସିସି କେନ୍ଦୁଝର ଏବଂ ଏନ୍‌ଆର୍‌ସିଏ କୁଲାଡ଼। ଏନ୍‌ଆର୍‌ସିଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୭୩ ରନ କରିଥିଲା। ଜବାବରେ କେନ୍ଦୁଝର ନିର୍ଦ୍ଧାରିତ ଓଭରରେ ୧୭୩ ରନ କରି ବିଜୟୀ ହୋଇଥିଲା। ପ୍ରକାଶ ମହାକୁଡ଼ ଓ ଶୁଭ୍ରାଂଶୁ ଖଟୁଆ ଖେଳ ପରିଚାଳନା କରିଥିଲେ।

## ୩ରୁ ପୋଲିଓ ବୁନ୍ଦା କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ଓସମ୍ବାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ପୋଲିଓ ନିରାକରଣ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।

ଜିଲାରେ ଫେବୃୟାରୀ ୩ରୁ ୫ ଯାଏ ବୁନ୍ଦା ଦିଆଯିବା କାର୍ଯ୍ୟକ୍ରମ ଚାଲିବ। ଚଳିତବର୍ଷ ଶୂନରୁ ୫ବର୍ଷ ଯାଏ ୧,୧୭,୬୩୧ଜଣ ଶିଶୁଙ୍କୁ ପ୍ରତିଷେଧକ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରେ ଗ୍ରାମାଞ୍ଚଳରେ ୧,୦୭,୬୬୧ ଏବଂ ସହରାଞ୍ଚଳରେ ୧୦,୦୨୦ଜଣ ଶିଶୁ ରହିଛନ୍ତି। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସାରିବାକୁ ୫୪୯ ବୁଥ୍ ପ୍ରସ୍ତୁତ କରାଯାଇଛି। ପ୍ରଥମ ଦିବସ ବୁଥ୍‌ରେ ଏବଂ ଅନ୍ୟ ଦୁଇଦିନ ଘର ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ। ଏହି କାର୍ଯ୍ୟରେ ୧୧୪ ସୁପରଭାଇଜର, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ସିଡିଏମ୍‌ଓ ପ୍ରତାପ ବେହେରା ସୂଚନା ଦେଇଛନ୍ତି।

ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅହଲ୍ୟା ଧଳ, ଡିଇଓ ସୁଧାନନ୍ଦ ପରିଡ଼ା, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଏଡିଏମ୍‌ଓ ଡା. ବିଦ୍ୟୁତ୍ କୁମାର ନନ୍ଦ, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣା: ଭାଇ ମୃତ, ଭଉଣୀ ଗୁରୁତର

**କାମାକ୍ଷାନଗର, ୮।୧(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ତୁମୁସିଂହା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ବାରୁଆଁ ଗ୍ରାମ ନିକଟରେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ କାର୍ (ଓଆର୍ ୦୬ କେ ୨୨୪୧) ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଢ଼ାଙ୍ଗି ଗ୍ରାମର ବାସୁଦେବ ବେହେରା (୨୮)। ଏଥିରେ ତାଙ୍କ ସମ୍ପର୍କୀୟ ଭଉଣୀ ମାମାଲି ବେହେରା ଗୁରୁତର ହୋଇଛନ୍ତି। ଉଭୟେ କାର୍‌ରେ ପଣ୍ଡୁଆରୁ ଘରକୁ ଫେରୁଥିବାବେଳେ ଗ୍ରାମଠାରୁ ୨ କିମି ଦୂରରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଖୁଣ୍ଟରେ ପିଟି ହୋଇଯାଇଥିଲା। ଦୁଇଜଣଙ୍କୁ କାମାକ୍ଷାନଗର ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ବାସୁଦେବଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାମାଲିଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଫାଣ୍ଡି ଅଧିକାରୀ ରସାନନ୍ଦ ନାୟକ ତଦନ୍ତ ଆରମ୍ଭ କରିଛନ୍ତି।

■ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ବୈଠକ

## ପ୍ରତି ସୋମବାର ନୂଆ ଶପିଂ ମଲ୍ ବନ୍ଦ


ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ବୈଠକ ସୋମବାର ଅଂଶୁପାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶରତ ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତା ଆୟୋଜିତ ବୈଠକରେ ପ୍ରତିଷ୍ଠାନର ଦିବଂଗତ ପୁରାତନ ସଦସ୍ୟ ଶ୍ରୀନିବାସ ନନ୍ଦ, ହରିରାମ ଶର୍ମାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ପରାଯାଇଥିଲା। ଏହି ଅବସରରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସଦସ୍ୟଙ୍କୁ ସେମାନଙ୍କ ବ୍ୟବସାୟିକ ସଂସ୍ଥାରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦର୍ଶିତ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ନୂତନ ଭାବେ ଗଢ଼ି ଉଠିଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ଶପିଂ ମଲ୍‌ଗୁଡ଼ିକ ସୋମବାର ବନ୍ଦ ରଖିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ନିୟମିତ ରକ୍ତଦାନ ଶିବିର ଆୟୋଜନ, ଶିଶୁଗୃହ, ଜରାଶ୍ରମରେ ଫଳ ବଣ୍ଟନ, ନୂତନ ସଭ୍ୟ ସଂଗ୍ରହକୁ ତ୍ୱରାନ୍ୱିତ କରିବା, ମାସିକ କାର୍ଯ୍ୟକାରିଣୀ ବୈଠକରେ ବ୍ୟବସାୟୀଙ୍କ ସମସ୍ୟା ସମାଧାନ କରିବାକୁ ଦିଆଯାଇଥିବା ପ୍ରସ୍ତାବରେ ମୋହର ଲାଗିଛି। ଇତ୍ୟବସରରେ ନୂତନ ସଦସ୍ୟ ଭାବେ ସାମିଲ ହୋଇଥିବା ନିରଦାନନ୍ଦ ନନ୍ଦ, ସମୀର ଖାଁଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ରଥ ଓଡ଼ିଶା ବ୍ୟବସାୟୀ ମହାସଂଘର ସଭାପତି ଭାବେ ପୁନଃ ଅବସ୍ଥାପିତ ହୋଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଉପସଭାପତି ରାଜକିଶୋର ବେହେରା, ସମ୍ପାଦକ ବିମଳ କୁମାର ପୋଦ୍ଦାର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦେବତା, ଉପସଭାପତି ରାଜେନ୍ଦ୍ର ଦାସ, ପ୍ରମୋଦ ପାଲ, ମହେଶ ଅଗ୍ରୱାଲ, ଶିବ ପ୍ରସାଦ ପଣ୍ଡା, ବିନୋଦ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାପ୍ତାହିକ ହାଟ ଶୁଭାରମ୍ଭ


ଜିଲାପାଳ ସାପ୍ତାହିକ ହାଟର ଶୁଭାରମ୍ଭ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୮।୧**

ଢେଙ୍କାନାଳ ମହିଷାପାଟସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ନିକଟ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ଟାରେ ଶୁଭାରମ୍ଭ ହୋଇଛି ନୂତନ ସାପ୍ତାହିକ ହାଟ। ଜିଲାପାଳ ନିଖିଲ ପଵନ କଲ୍ୟାଣ ଏହାକୁ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଢେଙ୍କାନାଳ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏହି ହାଟ ନିର୍ମାଣ କରାଯାଇଛି। ପ୍ରତି ମଙ୍ଗଳବାର ହାଟ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

ହାଟ ଏବଂ ଗୋଦାମ ପାଇଁ ମୋଟ ୧କୋଟି ୧୦ଲକ୍ଷ ଟଙ୍କା ବ୍ୟୟ ହୋଇଛି। ୨୦୧୭ରେ ଚାଷୀଙ୍କ ଉତ୍ପାଦିତ ପରିବା ରଖିବାକୁ ୮୫ ଲକ୍ଷ ଟଙ୍କା ବ୍ୟୟରେ ଗୋଦାମ ନିର୍ମିତ ହୋଇଥିଲା। ଏହାପରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ କରାଯାଇଛି। ଚାଷୀ, ବ୍ୟବସାୟୀଙ୍କ ଲାଗି ବିଶ୍ରାମାଗାର, ଜନସାଧାରଣଙ୍କ ଲାଗି ଶୌଚାଳୟ ସୁବିଧା ରହିଛି। ହାଟ ଶୁଭାରମ୍ଭ ଅବସରରେ ବହୁ ସଂଖ୍ୟାରେ ଚାଷୀ, ବ୍ୟବସାୟୀ ଆସି ପରିବା ବିକ୍ରି କରିଥିଲେ।

କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ପୀତାମ୍ବର ସାମଲ, ସମ୍ପାଦକ ନିରଞ୍ଜନ ସେଠଙ୍କ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଧର୍ମଘଟ: ଜନଜୀବନ ପ୍ରଭାବିତ

**ଢେଙ୍କାନାଳ ଅଫିସ, ୮।୧**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଡାକରାରେ ମଙ୍ଗଳବାରଠାରୁ ଦିଆଯାଇଥିବା ଦୁଇଦିନିଆ ଧର୍ମଘଟର ପ୍ରଭାବ ଢେଙ୍କାନାଳରେ ପଡ଼ିଛି। ଏହାଯୋଗୁ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ, ଡାକଘର, ବ୍ୟାଙ୍କ, ବୀମା କାର୍ଯ୍ୟାଳୟ ବନ୍ଦ ରହିଥିଲା। ଅଙ୍ଗନୱାଡ଼ି କର୍ମୀମାନେ ବାଜିଚୌକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ଖାଉଟି ସାମଗ୍ରୀର ଦରଦାମ ବୃଦ୍ଧି, ଶ୍ରମିକଙ୍କ ମାସିକ ମଜୁରି ୧୮ହଜାର ଟଙ୍କା ଧାର୍ଯ୍ୟ, ପ୍ରଚଳିତ ଶ୍ରମ ଆଇନକୁ କଡ଼ାକଡ଼ି କରିବା, ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ଠିକା ଶ୍ରମିକ ପ୍ରଥା ଉଚ୍ଛେଦ, ଅଣସଙ୍ଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ, ଶ୍ରମ ଆଇନ ଲାଗୁ, ରେଳ, ପ୍ରତିରକ୍ଷା, ବ୍ୟାଙ୍କ, ବୀମା ଆଦି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ବନ୍ଦ, ପରିବହନ ସଂକ୍ରାନ୍ତ ନୂତନ ଆଇନକୁ ବାତିଲ, ବେକାରି ସମସ୍ୟା, କୃଷି ଉତ୍ପାଦନ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯମେଶ୍ୱର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିନ୍ଦ୍ ମଜଦୁର ସଭାର ଲକ୍ଷ୍ମୀଧର ସାହୁ, ଘନଶ୍ୟାମ ସାହୁ, ଏଆଇଏନ୍‌ଟିୟୁସିର ଅଯୋଧ୍ୟା ସାହୁ, ଏଆଇଟିୟୁସିର ରାଜ୍ୟ ଉପସଭାନେତ୍ରୀ ହରପ୍ରିୟା ସ୍ୱାଇଁ, ଭାରତୀ ନାୟକ, ରବି ରଥ, ବୈକୁଣ୍ଠ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରୀୟ ନୀତିର ତୀବ୍ର ନିନ୍ଦା କରିଥିଲେ। ବାବୁଲା ସିଂ ଧନ୍ୟବାଦ ଦେଇଥିଲେ।

ସେହିପରି ୨୦ ଦଫା ଦାବିରେ ଢେଙ୍କାନାଳ ଡାକମଣ୍ଡଳ ପକ୍ଷରୁ ଦୁଇଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ସେଥିମଧ୍ୟରେ ନୂତନ ପେନ୍‌ସନ ଯୋଜନା ଉଚ୍ଛେଦ, ଗ୍ରାମୀଣ ଡାକସେବକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, କମଳେଶ ଚନ୍ଦ୍ର କମିଟି ସୁପାରିସ ଲାଗୁ, ଖାଲି ପଡ଼ିଥିବା ପଦବୀ ପୂରଣ, କ୍ୟାଡର ସଂଶୋଧନ, ଡାକଘରେ ୫ଦିନିଆ କାର୍ଯ୍ୟସପ୍ତାହ କାର୍ଯ୍ୟକାରୀ କରିବା ପ୍ରମୁଖ ଦାବି ରହିଛି। ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ ସଭାପତି ବିନୟ କୁମାର ପ୍ରଧାନ, ଜାତୀୟ ଡାକ କର୍ମଚାରୀ ସଂଘ ସମ୍ପାଦକ ଅଶୋକ କୁମାର ନନ୍ଦ, ଗ୍ରାମୀଣ ଡାକ ସେବକ ସଂଘ ସଭାପତି ପ୍ରମୋଦ କୁମାର ସାହୁ, ଅନ୍ତର୍ଯ୍ୟାମୀ ଖିଲାରଙ୍କ ନେତୃତ୍ୱରେ ବହୁ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।



ଢେଙ୍କାନାଳରେ ବନ୍ଦ ପାଳିତ।

- ■ ସରକାରୀ କାର୍ଯ୍ୟାଳୟ, ଡାକଘର, ବ୍ୟାଙ୍କ ବନ୍ଦ
- ■ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା
- ■ ୨୦ ଦଫା ଦାବିରେ ଡାକ କର୍ମଚାରୀଙ୍କ ଧାରଣା

## ସଂକ୍ଷେପରେ

### ଫ୍ରେଣ୍ଡସ ଇଲେଭେନ, ଏମ୍‌ଏସ୍‌ସିସି ବିଜୟୀ

ଅନୁଗୋଳ ଅଫିସ, ୮।୧- ଅନୁଗୋଳ କୋଦମ ପଡ଼ିଆ ଠାରେ ଚାଲିଥିବା ତୃତୀୟ ମର୍ନିଂ ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ କ୍ରିକେଟ କ୍ଲବ ଓ କଟକର ଫ୍ରେଣ୍ଡସ ଇଲେଭେନ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଫ୍ରେଣ୍ଡସ ଇଲେଭେନ ୬ ଉଇକେଟରେ ବିଜୟୀ ହୋଇଛି। ଅନୁଗୋଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୯୬ ରନ କରିଥିଲା। ଜବାବରେ ଫ୍ରେଣ୍ଡସ ଇଲେଭେନ ୪ଟି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସେହିପରି ସୋମବାର ମର୍ନିଂ ଷ୍ଟାର କ୍ରିକେଟ କ୍ଲବ (ଏମ୍‌ଏସ୍‌ସିସି) ଅନୁଗୋଳ ଓ କୁଲାଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଲାଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ମର୍ନିଂ ଷ୍ଟାର କ୍ରିକେଟ କ୍ଲବ ୩ ୱିକେଟ ହରାଇ ବିଜୟ ହାସଲ କରିଥିଲା। ଏହି ମ୍ୟାଚକୁ ଜୟକୃଷ୍ଣ ରାଉତ ଓ ଏ. କର ପରିଚାଳନା କରିଥିଲେ।

### ମହିଳାଙ୍କୁ ଦୁର୍ବ୍ୟବହାର କରି ଜଣେ ଗିରଫ

ଅନୁଗୋଳ ଅଫିସ, ୮।୧- ଅନୁଗୋଳ ବଲାସିଂହା ଠାରେ ଜଣେ ମହିଳାଙ୍କୁ ଉକ୍ତ ଅଞ୍ଚଳର ସୁରେନ୍ଦ୍ର ସାହୁ(୩୫) ରାସ୍ତା ମଝିରେ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାର ପ୍ରତିବାଦ କରିବାରୁ ମହିଳାଙ୍କ ସ୍ୱାମୀଙ୍କୁ ସୁରେନ୍ଦ୍ର ମାରଧର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୧୬/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଘଟଣାରେ ସୁରେନ୍ଦ୍ର ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ଫର୍ମ ପାଇଁ ଗଣ୍ଡଗୋଳ

ଅନୁଗୋଳ ଅଫିସ, ୮।୧- ଅନୁଗୋଳ କାଙ୍ଗୁଲା ପଞ୍ଚାୟତରେ କାଳିଆ ଯୋଜନା ପାଇଁ ଫର୍ମ ଆଣିବା ସମୟରେ ଗଣ୍ଡଗୋଳ ହୋଇ ଜଣେ ଆହତ ହୋଇଛନ୍ତି। କାଙ୍ଗୁଲା ପଞ୍ଚାୟତରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଛିତିସ ବାରିକଙ୍କୁ ଉକ୍ତ ପଞ୍ଚାୟତର ପଣ୍ଡା ସେଠୀ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ସୂଚନାଯୋଗ୍ୟ ଯେ, ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆ ଯୋଜନା ପାଇଁ ଫର୍ମ ବଣ୍ଟନ ସମୟରେ ପଣ୍ଡା ସେଠୀ ଅଧିକ ଫର୍ମ ଆଣିବା ପାଇଁ ଜିଦ କରିଥିଲେ। ପଞ୍ଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହାକୁ ବାରଣ କରିଥିଲେ। ଫଳରେ ପଣ୍ଡା ତାଙ୍କୁ ମାରଧର କରିବା ସହ ଗାଳିଗୁଲଜ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି।

■କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍‌ଙ୍କ ମିଳିତ ଧର୍ମଘଟ

# ଅନୁଗୋଳରେ ଜୀବନଯାତ୍ରା ବ୍ୟାହତ

ଅନୁଗୋଳ ଅଫିସ, ୮।୧

ଶିଳ୍ପପତିଙ୍କ ସ୍ୱାର୍ଥରେ ଶ୍ରମଆଇନ ସଂଶୋଧନ ବନ୍ଦ କରିବା। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ରୋକିବା ଆଦି ଦାବି ନେଇ ଟ୍ରେଡ୍ ୟୁନିୟନ ପକ୍ଷରୁ ମଙ୍ଗଳବାର ଓ ବୁଧବାର ଦୁଇ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ତେବେ ପ୍ରଥମ ଦିନରେ ଏହି ଧର୍ମଘଟର ପ୍ରଭାବ ଶିଳ୍ପ ସମୃଦ୍ଧ ଜିଲା ଅନୁଗୋଳରେ ପଡ଼ିଥିବା ଦେଖିବାକୁ ମିଳିଛି। କେବଳ ଔଷଧ ଦୋକାନକୁ ଛାଡ଼ି ଦେଲେ ସହରରେ ପ୍ରାୟତଃ ସମସ୍ତ ଦୋକାନ ବଜାର, ଗାଡି ଚଳାଚଳ, ବିଭିନ୍ନ ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମୀ, ସଙ୍ଗଠକମାନଙ୍କ ସମେତ ବହୁ ସଂଖ୍ୟାରେ ସ୍କିମ୍ ୱାର୍କର ଶୋଭାଯାତ୍ରା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ।

ଟ୍ରେଡ୍ ୟୁନିୟନ ପକ୍ଷରୁ ଦିଆଯାଇଥିବା ଧର୍ମଘଟ ଡାକରାକୁ ସମର୍ଥନ ଜଣାଇଛନ୍ତି ଅନୁଗୋଳ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ ଓ ଜିଲା କଂଗ୍ରେସ, ଅନୁଗୋଳ ଓକିଲ ସଂଘ, ଭାରତୀୟ ଡାକ କର୍ମଚାରୀ ସଂଘ ସମେତ ବିଭିନ୍ନ ସଙ୍ଗଠନ। ସେହିପରି ନାଲ୍‌କୋ ସିପିପି ମୁଖ୍ୟ ଫାଟକ ସମ୍ମୁଖରେ କଂଗ୍ରେସ ଜିଲା ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ମଧ୍ୟ କଂଗ୍ରେସ ଦଳ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ୫୫ ନମ୍ବର ଜାତୀୟ ରାଜପଥରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପିକେଟିଂ କରାଯାଇଥିଲା। ଏହି



ଅନୁଗୋଳ ସହରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ପିକେଟିଂ କରାଯାଉଛି।

ପିକେଟିଂରେ ଏଆଇୟୁଟିୟୁସିର ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସିଆଇଟିୟୁ ନେତା ଉପେନ୍ଦ୍ର ଶର୍ମା, ଏଚ୍‌ଏମ୍‌ଏସ୍‌ର ପବିତ୍ର କୁମାର ବିଶ୍ୱାଳ, ତ୍ରିଲୋଚନ ପ୍ରଧାନ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନବକିଶୋର ପ୍ରଧାନ, ସଞ୍ଜୟ ସାହୁ, ଆଡଭୋକେଟ୍ ପ୍ରମୋଦ କୁମାର ପ୍ରଧାନ, ଏଆଇସିସିଟିୟୁର ଜିଲା ସଙ୍ଗଠକ ତପନ କୁମାର ମହାନ୍ତି, ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ।

## ଅଫିସ ଖାଲି, ବାହାରେ ମେଳି

ଅନୁଗୋଳ ଅଫିସ, ୮।୧

ଦୁଇଦିନିଆ ଧର୍ମଘଟ ଡାକରା ସତ୍ତ୍ୱେ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଗତକାଲି ପତ୍ର ସଂଖ୍ୟା ୪୪ରେ ସମସ୍ତ ଜିଲା ମୁଖ୍ୟାଳୟକୁ ଅବଗତ କରାଯିବା ସହ ପୂର୍ବାହ୍ଣ ୯.୩୦ରେ ପହଞ୍ଚିବା ପାଇଁ କର୍ମଚାରୀମାନଙ୍କୁ କୁହାଯାଇଥିଲା। କିନ୍ତୁ ଅନୁଗୋଳ ଜିଲା କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟ ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା। ପୂର୍ବାହ୍ଣ ୧୦ଟା ବାଜିଥିଲେ ମଧ୍ୟ ଜିଲାର ବାବୁମାନଙ୍କ ଚୌକି ଖାଲି ପଡ଼ିଥିବାବେଳେ ବହୁ କର୍ମଚାରୀ କାର୍ଯ୍ୟାଳୟ ବାହାରେ ଛିଡ଼ା ହୋଇ ଗୁଲିଖଟି କରୁଥିବା ଦେଖିବାକୁ ମିଳିଥିଲା। ଏପରି କି କେତେଜଣ କର୍ମଚାରୀ ଶୀତ କାରଣରୁ ଖରାରେ ଛିଡ଼ା ହୋଇଥିବା କହିଥିବାବେଳେ ଆଉ କେତେଜଣ କାର୍ଯ୍ୟାଳୟ ତ ବନ୍ଦ ହେବ, ଭିତରକୁ କାହିଁକି ଯିବୁ ବୋଲି କହିଥିଲେ। ଏପରି କି ଜିଲାପାଳ ଅନିଲ କୁମାର ସାମଲ ମଧ୍ୟ ଜିଲା କାର୍ଯ୍ୟାଳୟକୁ ଆସି ନ ଥିବା ଦେଖିବାକୁ ମିଳିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପିଡି ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସହ ଅନ୍ୟ ଅଧିକାରୀମାନେ ଚେୟାର ପକାଇ ବସିଥିବା ଦେଖାଯାଇଥିଲା। ପୂର୍ବାହ୍ଣ ୧୧ଟା ପରେ ଆନ୍ଦୋଳନକାରୀମାନେ ଜିଲା କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ ମଧ୍ୟ କର୍ମଚାରୀମାନେ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା।


ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଧିକାରୀମାନେ।

## ଖଣି କାର୍ଯ୍ୟ ଠପ୍



ଟାଇମ୍ ଅଫିସ ସମ୍ମୁଖରେ ଆନ୍ଦୋଳନ ଚାଲିଛି।

ତାଳଚେର,୮।୧(ନି.ପ୍ର.)

୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ କରାଯାଇଥିବା ୪୮ ଘଣ୍ଟିଆ ଧର୍ମଘଟର ପ୍ରଭାବ ତାଳଚେରରେ ପଡ଼ିଛି। ଏହାଦ୍ୱାରା ସମଗ୍ର କୋଲ୍ ଫିଲ୍‌ଡସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ ଆଦି ୧୦ଟି କୋଇଲା ଖଣିରେ ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ସକାଳୁ ବିଭିନ୍ନ ସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନକାରୀମାନେ ବିଭିନ୍ନ କୋଇଲା ଖଣିର ଟାଇମ୍ ଅଫିସ, ଏରିଆ ଅଫିସ, ଜିଏମ୍, ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଟିଟିପିଏସ୍ ପ୍ଲାଣ୍ଟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଖଣି କାର୍ଯ୍ୟ ସହ ସଡ଼କ ଓ ଟ୍ରେନ୍ ଯୋଗେ କୋଇଲା ପରିବହନ ବନ୍ଦ ରହିଛି। ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, ସରକାରୀ ଅଫିସ, କୋକାନ ବଜାର ସହ ବସ୍ ଓ ଟ୍ରକ୍ ଚଳାଚଳ ମଧ୍ୟ ବନ୍ଦ ହୋଇଯାଇଛି। ଆଇଏନଟିୟୁସି ସମ୍ପାଦକ ସୌଭାଗ୍ୟ ପ୍ରଧାନ, ସୁବ୍ରତ ମାଝୀ, ଆଇ.ଜି. ପାଢୀ, ଏଚଏମଏସର ପ୍ରକାଶ କୁଣ୍ଡ, ଟୁନା ପଟ୍ଟନାୟକ, ଏଆଇଟିୟୁସିର ଚତୁର୍ଭୁଜ ଦାସ, ତାଳଚେର କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ, ପୂର୍ବତନ ନଗରପାଳ କେଶବ ଭୂତିଆ, ଆନନ୍ଦ ଅଚାର୍ଯ୍ୟ, ବିଜୟ ଦେବତା, ସନ୍ତୋଷ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

## ରାଜପଥ ଅବରୋଧ, ଯାତାୟାତ ବାଧାପ୍ରାପ୍ତ

ଛେଣ୍ଡିପଦା/ଆଠମଲ୍ଲିକ/ ବଇଣ୍ଡା,୮।୧(ସ୍ୱ.ପ୍ର.)/(ଡି.ଏନ.ଏ.)

୧୨ ଦଫା ଦାବିରେ ୨ ଦିନିଆ ଭାରତ ବନ୍ଦ ଡାକରାରେ ଛେଣ୍ଡିପଦା ଏସୟୁସିଆଇ ସଙ୍ଗଠନ ଆଞ୍ଚଳିକ କମିଟି ସଦସ୍ୟ ରଣଜିତ୍ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ପିକେଟିଂ କରି ବ୍ଲକ ଅଫିସ, ତହସିଲ ଅଫିସ, ସବରେଜିଷ୍ଟର ଅଫିସ ଆଦି ବନ୍ଦ କରିଥିଲେ। ସେହିପରି ଅନୁଗୋଳ–ଦେବଗଡ ରାଜ୍ୟ ରାଜପଥ ୬୩ ନଂ. ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ପ୍ରତିମା ବେହେରା, ପ୍ରସାଦୀ ପ୍ରଧାନ, ସତ୍ୟରଞ୍ଜନ ସାହୁଙ୍କ ସମେତ ଶତାଧିକ ମହିଳା ସାମିଲ ଥିଲେ। ସେହିପରି ଆଠମଲ୍ଲିକରେ ବନ୍ଦ ଆଂଶିକ ସଫଳ ହୋଇଛି। ଆଠମଲ୍ଲିକରୁ ଯାନବାହାନ ଚଳାଚଳ ବନ୍ଦ ରହିଥିବାବେଳେ ଦୋକାନ ବଜାର, ସାପ୍ତାହିକ ହାଟ ସ୍ୱାଭାବିକ ରହିଥିଲା। ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତିର୍ଥବାସୀ ଭୋଇ, ଜଗନ୍ନାଥ ମହାକୁଡ, ବିନତୀ ସାହୁ, ସରୋଜିନୀ ମେହେର, ବିଳାସିନୀ ପ୍ରଧାନ, ସୁବାସିନୀ ଆଚାର୍ଯ୍ୟ ପ୍ରମୁଖ ପିକେଟିଂ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ସେହିପରି ଏଆଇୟୁଟିୟୁସି କର୍ମକର୍ତ୍ତାମାନେ ସ୍ଥାନୀୟ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇ ଗାନ୍ଧୀପାର୍କ ରାସ୍ତା ବନ୍ଦ କରିଥିଲେ। କିଶୋରନଗର ବ୍ଲକ ଅଞ୍ଚଳରେ ବନ୍ଦ ପାଳନ ସଫଳ ହୋଇଛି। ଏଆଇୟୁଟିୟୁସି ସଙ୍ଗଠନ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ସହ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ରମଣି ରଞ୍ଜନ ପ୍ରଧାନ, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ସାହୁ, ଲକ୍ଷ୍ମୀ ପ୍ରଧାନ, ଶକୁନ୍ତଳା ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ରକ୍ତ ଭଣ୍ଡାର ପରିଚାଳନା କମିଟି ବୈଠକ: ନିଯୁକ୍ତ ହେବେ ଡାକ୍ତର, ଟେକ୍ନିସିଆନ

ଅନୁଗୋଳ ଅଫିସ, ୮।୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ସୁପରିଚାଳନା ପାଇଁ ପରିଚାଳନା କମିଟି ବୈଠକ ମଙ୍ଗଳବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଖଣିଜ ପାଣ୍ଠିରୁ ଜଣେ ଡାକ୍ତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଯୁକ୍ତି କରାଯାଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପରିଚାଳନା ଦାୟିତ୍ୱରେ ରଖାଯିବ ବୋଲି ଆଲୋଚନା ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନର ପିଆଇପି ଅନୁଦାନରେ ୨ ଜଣ ଲାବରେଟୋରୀ ଟେକ୍ନିସିଆନଙ୍କ ସ୍ଥାନରେ ଆଉ ଜଣେ ଟେକ୍ନିସିଆନଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରକ୍ତ ଭଣ୍ଡାରରେ ଆବଶ୍ୟକ ହେଉଥିବା ବିଭିନ୍ନ ଆସବାବପତ୍ର ଓ ରୋଗ ପରୀକ୍ଷା ପାଇଁ ବ୍ୟବହୃତ କିଟ୍ କିଣାଯାଇଥିବା ସମ୍ପର୍କରେ ରକ୍ତ ଭଣ୍ଡାର ଅଧିକାରୀ ଡା. ବିଶ୍ୱଜିତ ବୈଠକରେ ଅବଗତ କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାତା ଓ ବିଭିନ୍ନ ଅନୁଷ୍ଠାନମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ମେଗା କାର୍ଯ୍ୟକ୍ରମ ସହ ଜିଲାସ୍ତରୀୟ ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସରେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା.ତ୍ରିଲୋଚନ ପ୍ରଧାନ, ଏଡିଏମ୍‌ଓ (ମେଡିକାଲ) ଡା. ଲକ୍ଷ୍ମୀନାରାୟଣ ବିଶୋଇ, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ସୁକାନ୍ତି ଦାସ, ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ଅଭୟ ରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଗ୍ରାମେଶ୍ୱରୀ କ୍ରିକେଟ କ୍ଲବ ବିଜୟୀ


ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଛେଣ୍ଡିପଦା,୮।୧(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ତେଣ୍ଟଲୋଇ କୋଡାସାହି ପଞ୍ଚାୟତ ଖୁଣ୍ଟାନାଳି ଖେଳ ପଡ଼ିଆରେ ଚାଲିଥିବା ଖୁଣ୍ଟାନାଳି କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଖୁଣ୍ଟାନାଳି ଗ୍ରାମେଶ୍ୱରୀ କ୍ରିକେଟ ଟିମ ଏବଂ ମାଛକୁଟା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗ୍ରାମେଶ୍ୱରୀ ବ୍ୟାଟିଂ କରି ୧୧୧ ରନ କରିଥିଲା। ଜବାବରେ ମାଛକୁଟା ୧୦୮ରନ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଦେହୁରି, ମାଛକୁଟା ସମିତି ସଭ୍ୟ ଭଜମନ ଗଡନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଖୁଣ୍ଟାନାଳି କ୍ରିକେଟ କ୍ଲବର ଲିପୁନ ସାହୁ, ସୁନିଲ ସାହୁ, ତପନ ସାହୁ, ଅରୁଣ ଦେହୁରୀ, ବୈଲୋଚନ ନାଏକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■ଉଦ୍‌ଘାଟନ ହେଲା ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର

# ଉଲ୍ଲେଖନୀୟ କାର୍ଯ୍ୟ କଲେ ମିଳିବ ପୁରସ୍କାର

ଅନୁଗୋଳ ଅଫିସ, ୮।୧

ଅନୁଗୋଳ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ପାଇଁ ବୁଧବାରଠାରୁ ଆରମ୍ଭ ହେବ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର। ମଙ୍ଗଳବାର ଜିଲା ହୋମଗାର୍ଡ ମୁଖ୍ୟାଳୟ ଠାରେ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଏହାକୁ ଉଦ୍‌ଘାଟନ କରିଛନ୍ତି। ବୁଧବାର ଠାରୁ ସହରର ବିଭିନ୍ନ ସ୍ଥାନରେ ଥିବା ଟ୍ରାଫିକ ପୋଷ୍ଟରେ ୬୦ ଜଣ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର କାର୍ଯ୍ୟ କରିବେ। ସେମାନଙ୍କ ମଧ୍ୟରୁ ଅନୁଗୋଳରେ ୩୪, ବଣ୍ଡାରପାଳରେ ୧୨ ଓ ତାଳଚେରରେ ୧୪ ଜଣ ଛାତ୍ରୀଛାତ୍ର ଟ୍ରାଫିକ ଦାୟିତ୍ୱ ସମ୍ଭାଳିବେ ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି।

ଏହି ଅବସରରେ ଡିଆଇଜି କହିଥିଲେ ଯେ, ଜିଲାରେ ପ୍ରଥମ ଥର ଆରମ୍ଭ ହୋଇଥିବା ଷ୍ଟୁଡେଣ୍ଟ ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବାରେ ସହଯୋଗ କରିବ। ସେ ହିଟଲରଙ୍କ କାହାଣୀ କହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟରାଜ୍ୟରେ ୧୦ ଜଣଙ୍କ ଦୁର୍ଘଟଣା ହେଲେ ୨ ଜଣ ମୃତ୍ୟୁ ବରଣ କରୁଥିବାବେଳେ ଓଡ଼ିଶାରେ ସମାନ ଦୁର୍ଘଟଣାରେ ୪ ଜଣ ମୃତ୍ୟୁ ମୁଖକୁ ଠେଲି ହୋଇଯାଉଛନ୍ତି। ତେଣୁ ଏହାକୁ ରୋକିବାକୁ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟରମାନେ ଗୁରୁ ଦାୟିତ୍ୱ ତୁଲାଇବେ ବୋଲି ସେ କହିଥିଲେ। ଜିଲାରେ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଆରମ୍ଭ କରିଥିବାରୁ ସେ ଏସ୍‌ପିଙ୍କୁ ସାଧୁବାଦ ଜଣାଇଥିଲେ।

ଏସ୍‌ପି କହିଥିଲେ ଯେ, ସମ୍ପୃକ୍ତ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ଖୁବ୍ ଶୀଘ୍ର ବୀମା ପରିସରଭୁକ୍ତ କରାଯିବ। ଏହି ବ୍ୟବସ୍ଥା କରିବା ପାଇଁ ଗୋଟିଏ ମାସ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ବନ୍ତଲା, ବଣ୍ଡାରପାଳ, ବଲଣ୍ଡା, ତାଳଚେର ଓ ଅନୁଗୋଳ ମହିଳା ମହାବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କୁ ଚୟନ କରାଯାଇଛି। ସେମାନଙ୍କୁ ଟ୍ରାଫିକ ନିୟମ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ କାର୍ଯ୍ୟ କରିବା ସମୟରେ ଫିଲ୍ଡ ଟ୍ରେନିଂ ପ୍ରଦାନ କରାଯିବ। ତେବେ ଛାତ୍ରୀଛାତ୍ରମାନେ ଦିନକୁ ୩ ଘଣ୍ଟା କାର୍ଯ୍ୟରେ ରହି ଟ୍ରାଫିକ ବ୍ୟବସ୍ଥାରେ ସହଯୋଗ କରିବେ। ଏଥିପାଇଁ ସେମାନଙ୍କୁ ଅର୍ଥ ମଧ୍ୟ ପ୍ରଦାନ କରାଯିବ। ମାସକୁ ସର୍ବାଧିକ ୧୬ ଦିନ କାର୍ଯ୍ୟ କରିବାର ବ୍ୟବସ୍ଥା ରହିଛି। କାର୍ଯ୍ୟ ଦକ୍ଷତା ଉପରେ ପ୍ରତି ୬ ମାସରେ ଥରେ ଲେଖାଏ ସମୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କରାଯିବ। ଏଥିସହ ଶତପ୍ରତିଶତ କାର୍ଯ୍ୟ ଦକ୍ଷତା ଦେଖାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ସେହିପରି ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସରେ ସେମାନଙ୍କୁ ପୁରସ୍କୃତ କରାଯିବ। ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଭଲ୍ୟୁଣ୍ଟରଙ୍କ ନାମ ରାଜ୍ୟ ସରକାରଙ୍କ ନିକଟକୁ ପୁରସ୍କାର ପାଇଁ ପଠାଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନୁଗୋଳ ଅତିରିକ୍ତ ଏସ୍‌ପି ଯଦୁନାଥ ହାଂସଦା, ତାଳଚେର ଡିଏସ୍‌ପି ସନ୍ତୋଷ କୁମାର, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ଆଇୟୁସିଏଡବ୍ଲ୍ୟୁ ବସନ୍ତ କୁମାର ପ୍ରଧାନ, ଡିଏସ୍‌ପି ହେଡ୍‌କ୍ୱାର୍ଟର ଦୁଃଖବନ୍ଧୁ ନାୟକ, ଆରଆଇ ମହେନ୍ଦ୍ର କୁମାର ଭୋଇ ଓ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଉପସ୍ଥିତ ଥିଲେ।


ପୋଲିସ ଅଧିକାରୀଙ୍କ ସହ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟରମାନେ

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଣ୍ଡାରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

